**ଯାଜପୁର ଜିଲ୍ଲାର ଡୁବୁରୀ ଷ୍ଟେସନ ଏବଂ ଟାଟା ଷ୍ଟିଲୟାର୍ଡ କଳିଙ୍ଗନଗର ମଧ୍ୟରେ ରେଳ ସଂଯୋଗୀକରଣ ପାଇଁ ସୁକିନ୍ଦା ତହସିଲ ଅନ୍ତର୍ଗତ ସାତଟି ଗ୍ରାମରୁ ୧୩୪.୩୦ ଏକର ଘରୋଇ ଜମି ଅଧିଗ୍ରହଣ ଉପରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ସମ୍ବନ୍ଧେ ତା ୧୭.୦୬.୨୦୨୩ ରିଖରେ ଅନୁଷ୍ଠିତ ବିଶେଷଜ୍ଞ କମିଟି ବୈଠକର ବିବରଣୀ ।**

---

ଯାଜପୁର ଜିଲ୍ଲାର "ଡୁବୁରି ଷ୍ଟେସନ ଏବଂ ଟାଟା ଷ୍ଟିଲୟାର୍ଡ କଳିଙ୍ଗନଗର ମଧ୍ୟରେ ରେଳ ସଂଯୋଗୀ କରଣ" ନିମନ୍ତେ ସୁକିନ୍ଦା ତହସିଲ ଅନ୍ତର୍ଗତ ମୌଜା-ସଂସାଇଲୋ, ଡୁବୁରି, ବାରଗାଡ଼ିଆ, ଅଭୟପୁର, ଓଳିଆ, ହାତୀମୁଣ୍ଡା ଓ ଗୋବରଘାଟିଠାରେ ପ୍ରସ୍ତାବିତ ହୋଇଥିବା ଜମି ଅଧିଗ୍ରହଣର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ମୂଲ୍ୟାଙ୍କନ ପାଇଁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ଯାଜପୁରଙ୍କ ଅଧ୍ୟକ୍ଷତାରେ ବିଶେଷଜ୍ଞ କମିଟିର ସଦସ୍ୟମାନଙ୍କ ଉପସ୍ଥିତିରେ ତା ୧୭.୦୬.୨୦୨୩ ରିଖ ଅପରାହ୍ନ ଘ ୩.୩୦ ମି. ରେ ଏକ ଆଲୋଚନା ସଭା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା ।

ବୈଠକ ପାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ଯାଜପୁର ବିଶେଷଜ୍ଞ କମିଟିର ସମସ୍ତ ସଦସ୍ୟଙ୍କ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ଆବଶ୍ୟକ ହେଉଥିବା ଭୂମି ଅଧିଗ୍ରହଣ ଓ ଉଚିତ ପ୍ରାପ୍ୟ ପ୍ରଦାନ ଓ ସ୍ୱଚ୍ଛତା ଅବଲମ୍ବନ ନିମନ୍ତେ ପ୍ରଚଳିତ ଆଇନ ୨୦୧୩ (RFCTLAR&RAct-2013) ଓଡ଼ିଶା ସରକାରଙ୍କ ଅଧିନିୟମ ନିୟମାବଳୀ-୨୦୧୬ (ORFCTLAR&R Rules-2016) ଅନୁଯାୟୀ ପ୍ରସ୍ତାବିତ ପ୍ରକଳ୍ପର ଆବଶ୍ୟକତା ଓ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ସାରମର୍ମ ଆଲୋଚନା କରିବା ସହିତ ଉପସ୍ଥିତ ଥିବା ବିଶେଷଜ୍ଞ ଓ ଅନ୍ୟ ସଦସ୍ୟମାନଙ୍କ ଠାରୁ ଉକ୍ତ ପ୍ରକଳ୍ପ ସମ୍ବନ୍ଧରେ ନିଜର ମତାମତ ଉପସ୍ଥାପନା କରିବାକୁ ଅନୁରୋଧ କରିଥିଲେ । କମିଟିର ସଦସ୍ୟ ବୃନ୍ଦ ସାମାଜିକ ପ୍ରଭାବ ଆକଳନର ଚୂଡ଼ାନ୍ତ ବିବରଣୀକୁ ତର୍ଜମା କରି ସର୍ବସମ୍ମତି କ୍ରମେ ନିମ୍ନୋକ୍ତ ସିଦ୍ଧାନ୍ତରେ ଉପନୀତ ହୋଇଥିଲେ ।

୧. ପ୍ରସ୍ତାବିତ ଅଞ୍ଚଳବାସୀ ତଥା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସମ୍ପୃକ୍ତ ପ୍ରକଳ୍ପଦ୍ୱାରା ପ୍ରଭାବିତ ହେବାକୁ ଥିବା ଜନସାଧାରଣଙ୍କ ହିତ ନିମନ୍ତେ ଡୁବୁରୀ ଷ୍ଟେସନ ଏବଂ ଟାଟା ଷ୍ଟିଲୟାର୍ଡ କଳିଙ୍ଗନଗରର ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟକୁ ପୂରଣ କରିବାକୁ ହିତାଧିକାରୀମାନେ ଦାବି ଉପସ୍ଥାପନା କରିଛନ୍ତି ।

୨. ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ହିତାଧିକାରୀମାନେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ବର୍ତ୍ତମାନ ସମୟର କ୍ଷତିପୂରଣ ରାଶି ପ୍ରତିବଦଳରେ ବର୍ଦ୍ଧିତ କ୍ଷତିପୂରଣ ଦେୟ ପ୍ରଦାନ କରାଯିବା ନିମନ୍ତେ ଦାବି ଉପସ୍ଥାପନା କରିଛନ୍ତି । ଏ ସମ୍ପର୍କରେ ସବିଶେଷ ଚୂଡ଼ାନ୍ତ ନିଷ୍ପତ୍ତି ନିମନ୍ତେ ସରକାରଙ୍କୁ ଅବଗତ କରାଯିବ ଏବଂ ନିର୍ଦ୍ଦେଶ ପ୍ରାପ୍ତ ହେବାପରେ ବର୍ଦ୍ଧିତ ଦେୟ ପ୍ରଦାନ କରାଯିବ ।

୩. ଉପସ୍ଥିତ ଜନପ୍ରତିନିଧିମାନେ ଟାଟା ଷ୍ଟିଲକୁ ରେଳ ସଂଯୋଗୀକରଣ ନିମନ୍ତେ ଘୋର ପ୍ରତିବାଦ କରୁଛନ୍ତି ଏବଂ ସେମାନେ ଲିଖିତ ଭାବରେ ଜଣାଇଛନ୍ତି । ସେମାନଙ୍କ ମତାମତ ଅନୁଯାୟୀ ବିଗତ ବର୍ଷ ମାନଙ୍କରେ ଟାଟା କର୍ତ୍ତୃପକ୍ଷ ପାରିପାର୍ଶ୍ୱିକ ଉନ୍ନତି ନିମନ୍ତେ କୌଣସି ପଦକ୍ଷେପ ଗ୍ରହଣ କରିନାହାଁନ୍ତି । ରେଳ ସଂଯୋଗୀ କରଣ କାର୍ଯ୍ୟ କରାଗଲେ ଭୂତଳ ଜଳ ପ୍ରଭାବିତ ହେବ ଏବଂ ଏହା ଦ୍ୱାରା କୃଷି କାର୍ଯ୍ୟ ପାଇଁ ଗ୍ରାମବାସୀମାନେ ଅସୁବିଧାର ସମ୍ମୁଖୀନ ହେବେ ବୋଲି ସେମାନେ ମତ ଦିଅନ୍ତି । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଜୀବଜନ୍ତୁ ଓ ମନୁଷ୍ୟଙ୍କର ଜୀବନ ହାନି ହେବାର ସମ୍ଭାବନା ଅଛି ବୋଲି ଜନପ୍ରତିନିଧିମାନେ ମତ ଦେଇଛନ୍ତି ।

୪. ଉକ୍ତ ପ୍ରକଳ୍ପ ନିମନ୍ତେ ଜମି ହରାଇଥିବା ପରିବାର ବର୍ଗଙ୍କୁ ଟାଟା ଷ୍ଟିଲ ତରଫରୁ ନିଯୁକ୍ତି ଦେବା ନିମନ୍ତେ ଉପସ୍ଥିତ ଜନପ୍ରତିନିଧିମାନେ ମତବ୍ୟକ୍ତ କରନ୍ତି । ଏହା ଟାଟା ଷ୍ଟିଲର ପ୍ରକଳ୍ପ ହୋଇନଥିବାରୁ ଭାରତୀୟ ରେଳବାଇର ନିର୍ଦ୍ଦେଶନାମା ଅନୁଯାୟୀ ଜମି ଅଧିଗ୍ରହଣ ନିୟମ ପାଳନ କରାଯିବ ।

୫. ପ୍ରକଳ୍ପ ନିମନ୍ତେ ଆଂଶିକ ଅଧିଗ୍ରହଣ ହୋଇଥିବା ଜମିକୁ ରେଳ ପ୍ରକଳ୍ପର ଆବଶ୍ୟକତା ଅନୁଯାୟୀ ଅଧିଗ୍ରହଣର ପରିସରକୁ ନେବାପାଇଁ ସ୍ଥିର କରାଗଲା ।

୬. ଜମି ଅଧିଗ୍ରହଣ ପରେ ପ୍ରସ୍ତାବିତ ଅଂଚଳକୁ ଜଳସେଚନ ପ୍ରକ୍ରିୟା ସଂସ୍ଥାପନ ଏବଂ ଚାଷ ଜମିକୁ ଗମନାଗମନର ବ୍ୟବସ୍ଥା କରାଯିବା ନିମନ୍ତେ ସ୍ଥିର କରାଗଲା ।

୭. ପ୍ରସ୍ତାବିତ ଜମି ଅଧିଗ୍ରହଣ ଭାରତୀୟ ରେଳବାଇ (ଭାରତ ସରକାର)ଙ୍କ ଏକ ରେଳ ପ୍ରକଳ୍ପ ପାଇଁ ଉଦ୍ଦିଷ୍ଟ । ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରାଳୟ ଦ୍ୱାରା ପ୍ରସ୍ତାବିତ ଏହି ରେଳ ପ୍ରକଳ୍ପ ଓଡ଼ିଶାକୁ ଇସ୍ପାତ ଶିଳ୍ପର ଅଗ୍ରଗାମୀ ରାଜ୍ୟ ଭାବରେ ପରିଗଣିତ କରିବାପାଇଁ ଉଦ୍ଦିଷ୍ଟ ।

ଯାଜପୁର ଜିଲ୍ଲାରେ ଉପରୋକ୍ତ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇ ପାରିଲେ ସାମୁହିକ ଉନ୍ନତି ସମ୍ଭବ ହୋଇପାରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିବା ସଂଗେ ସଂଗେ ପ୍ରକଳ୍ପ କାର୍ଯ୍ୟ ପାଇଁ ଉପସ୍ଥିତ ଥିବା ବିଶେଷଜ୍ଞ କମିଟିର ସମସ୍ତ ସଦସ୍ୟମାନେ ସହମତି ପ୍ରକାଶ କରନ୍ତି ।

ଅଧ୍ୟକ୍ଷ-ତଥା-ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ),
ଯାଜପୁର

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର

(ଭୂ-ଅର୍ଜନ (ରେଳପଥ) –ବିଭାଗ)

ବିଜ୍ଞାପନ

ସଂଖ୍ୟା ୪୩ ତା. ୧୧.୦୩.୨୦୨୨

ଭୂ-ଅର୍ଜନ ପୁର୍ନବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ-୨୦୧୩ ଧାରା ୭ ଉପଧାରା ୧ ମୁତାବକ "**ଡୁବୁରି ଷ୍ଟେସନ ଏବଂ ଟାଟା ଷ୍ଟିଲୟାର୍ଡ କଳିଙ୍ଗନଗର ମଧ୍ୟରେ ରେଳ ସଂଯୋଗ ସ୍ଥାପନ** " ପ୍ରକଳ୍ପ, ମୌଜା , ସଂସାଇଲୋ ଓଳିଆ, ଅଭୟପୁର, ଗୋବରଘାଟି, ଡୁବୁରି, ହାତିମୁଣ୍ଡା ଓ ବାରାଗାଡିଆ ତହସିଲ ସୁକିନ୍ଦା ଯାଜପୁର ଜିଲ୍ଲା ପାଇଁ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ବିବରଣୀ ମୂଲ୍ୟାଙ୍କନ ନିମିତ ଗଠିତ ସ୍ୱତନ୍ତ୍ର ବହୁଶୃଙ୍ଖଳୀୟ ବିଶେଷଜ୍ଞ ଗୋଷ୍ଠୀର ତା.୧୭.୦୬.୨୦୨୩ରିଖ ଅପରାହ୍ନ ୩:୩୦ଘଟିକାସମୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ଯାଜପୁରଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକ ବିବରଣୀ ଓ ସୁପାରିସ ସମ୍ପର୍କୀୟ ବିଜ୍ଞାପନ ଓଡିଶାଭୂ-ଅର୍ଜନ ପୁର୍ନବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ନିୟମ, ୨୦୧୬ ର ଧାରା ୧୬ ମୁତାବକ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏଥି ସହିତ ସଲଗ୍ନ କରାଯାଇ ପ୍ରକାଶକରାଗଲା । ଏହ ବିଜ୍ଞପ୍ତି ଓଡିଶା ରାଜ୍ୟସରକାର ଏବଂ ଯାଜପୁର ଜିଲ୍ଲାପାଳଙ୍କ ୱେବସାଇଟରେ ଉପଲବ୍ଧ ହେବ ।

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)-ତଥା-ଅଧକ୍ଷ
ବିଶେଷଜ୍ଞଗୋଷ୍ଠୀ-ଯାଜପୁର

ଜ୍ଞାପକସଂଖ୍ୟା. ୪୫ ତା. ୧୧.୦୩.୨୦୨୨

ଏହାର ଏକକିତା ନକଲ ବିଶେଷଜ୍ଞ ଗୋଷ୍ଠୀର ସମସ୍ତ ସଦସ୍ୟଙ୍କ ଅବଗତି ନିମନ୍ତେ ପ୍ରେରଣକରାଗଲା।

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)-ତଥା-ଅଧକ୍ଷ
ବିଶେଷଜ୍ଞଗୋଷ୍ଠୀ-ଯାଜପୁର

ଜ୍ଞାପକସଂଖ୍ୟା. ୪୬ ତା. ୧୧.୦୩.୨୦୨୨

ଏହାର ଏକକିତା ନକଲଉପ-ଜିଲ୍ଲାପାଳ, ଯାଜପୁର/ ଭୂ-ଅର୍ଜନ ଅଧିକାରୀ ରେଳପଥ-ବିଭାଗ ,ସୁକିନ୍ଦା ତହସିଲଦାରଙ୍କ ଅବଗତି ଓ ବିହୀତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ଭୂ-ଅର୍ଜନ ଅଧିକାରୀ ରେଳପଥ-ବିଭାଗ, ଯାଜିପୁର ରୋଡଙ୍କୁ ୮ ବିଜ୍ଞାପନର ନକଲ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ ଉକ୍ତ ବିଜ୍ଞାପନର ପ୍ରତେକ ମୌଜାର ଦୁଇ ଜଣ ଗ୍ରାମବାସୀଙ୍କ ସ୍ୱାକ୍ଷର ନେଇ ସାର୍ବଜନୀନ ସ୍ଥଳୀରେ ପ୍ରକାଶନ କରିବେ ଏବଂ ଜିଲ୍ଲାପାଳ ଯାଜପୁରଙ୍କ ୱେବସାଇଟରେ ଉପଲବ୍ଧ କରାଇବାପାଇଁ ନିର୍ଦ୍ଦେଶ ଦିଆଗଲା।

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)-ତଥା-ଅଧକ୍ଷ
ବିଶେଷଜ୍ଞଗୋଷ୍ଠୀ-ଯାଜପୁର

ଜ୍ଞାପକସଂଖ୍ୟା. ୫୦ ତା. ୧୧.୦୩.୨୦୨୨

ଏହାର ଏକକିତା ନକଲ ଯୁଗ୍ମଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନାବିଭାଗ, ଓଡିଶା/ଯୁଗ୍ମଶାସନ ସଚିବ, ବାଣିଜ୍ୟ ଓ ପରିବହନ ବିଭାଗ ଓଡିଶା-/ଯୁଗ୍ମଶାସନସଚିବ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଙ୍କ କାର୍ଯ୍ୟାଳୟ କଟକ ଙ୍କ ଅବଗତି ନିମନ୍ତେ ପ୍ରେରଣକରାଯାଇଓଡିଶାସରକାରଙ୍କୱେବସାଇଟରେ ପ୍ରକାଶନ କରିବାପାଇଁ ଅନୁରୋଧ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)-ତଥା-ଅଧକ୍ଷ
ବିଶେଷଜ୍ଞଗୋଷ୍ଠୀ-ଯାଜପୁର

ଜ୍ଞାପକସଂଖ୍ୟା. ୬P ତା. ୧୧.୦୩.୨୦୨୩

ଏହାର ଏକକିତ ନକଲ ଜିଲ୍ଲାପାଳଙ୍କ ନୋଟିସବୋର୍ଡ / ଜିଲ୍ଲାସୂଚନା ଓ ବିଜ୍ଞାନ ଅଧିକାରୀ, ଯାଜପୁରଙ୍କୁ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ ଉକ୍ତ ବିଜ୍ଞାପନ ଜିଲ୍ଲାପାଳ, ଯାଜପୁର ୱେବସାଇଟରେ ତୁରନ୍ତ ପ୍ରକାଶନ କରିବେ।

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)-ତଥା-ଅଧ୍ୟକ୍ଷ
ବିଶେଷଜ୍ଞଗୋଷ୍ଠୀ-ଯାଜପୁର

## EXPERT GROUP MEETING

**(For Construction of Rail Connectivity between Duburi & TATA Steel yard, Kalinga Nagar of Jajpur District under Sukinda Tahasil)**
**Venue ADM chamber, Jajpur**
**Date-17.06.2023**
**Organised by-RAC & District Administration,Jajpur**

| Sl. No | Name of the Members | Designation | Contact No | Signature |
|---|---|---|---|---|
| 1 | Dr. Dibya Lochan Mohanty | ADM (Rev), Jajpur | 9437230451 | [signature] 17.06.2023 |
| 2 | Gopinath Khara | Sub Collector | 7682991646 | [signature] 17-6-23 |
| 3 | Sarat Chandra Ray | Member | 9437202592 | [signature] 17.6.23 |
| 4 | Damayanti Sam | | 8260077587 | [signature] 17/06/23 |
| 5 | Ashok Kumar Dam | ASRL Mgr (Traffic) | 7894425477 | [signature] |
| 6 | Rama Sankar Sahu | Sr. manager RVNL | 7608005219 | [signature] |
| 7 | Biswajit Nanda | SSE/Land | 8455888268 | [signature] |
| 8 | pradip Kumar Deo | Sarapancha Bargada | 7978889590 | [signature] |
| 9 | Sisir Kumar Behera | Manager(C)/Civil RVNL/BBS | 9777447806 | [signature] Behera 17/06/23 |
| 10 | Ambika Prasad Mohap. | LS. RVNL/BBS | 8895367007 | [signature] |
| 11 | Bijaya Ranjan Mudali | JE/ASRL | 7606818181 | [signature] 17/06/23 |
| 12 | Manmohan Banara. | Sarapanch Sansailo | 9347075663 | Banara 5/ |
| 13 | Sidheswar Sing | Sarapanch Olia GP | 9556918928 | [signature] |
| 14 | Rabindranath Jena | Samarapanch Gobarghati | 9556253539 | [signature] |
| 15 | Radharaman Das. | Ganapati Pr. | 9938875463 | [signature] |
| 16 | Nityananda Panda | Narayanpur | 8249693308 | [signature] |
| 17 | Dr. Balaram Mishra | Social Scientist for the SIA | 9337249037 | [signature] |

**Members present in Expert Group Meeting held on 17.06.2023 at 3:30PM in the office Chamber of the Additional District Magistrate (Revenue) - cum- Chairman Expert Group for the project "Construction of Rail Connectivity between Duburi & TATA Steel yard, Kalinga Nagar of Jajpur District under Sukinda Tahasil".**

| Sl. No | Name of the Members | Designation | Contact No | Signature |
|---|---|---|---|---|
| 1 | Debadutta Sahu | Supervisor RAC | 7205783740 | (signed) |
| 2 | Niranjan Sahoo | Supervisor RAC | 8093266998 | (signed) |
| 3 | Deepak Kumar Dash | Coordinator RAC | 8895553602 | (signed) |
| 4 | Rabindra Kumar Tiy | Sarapanch Gobarghati | 9556253539 | (signed) |
| 5 | Manmohan Banara | Sarapanch Sansailo GP | 9344045663 | (signed) |
| 6 | Sidheswar Singh | Sarapanch Olei GP | 955691828 | (signed) |
| 7 | Radharaman Das. | Ganapati Pur. | 9938875463. | (signed) |
| 8 | Nityananda Panda | Retd Headmaster | 8249693308 | (signed) |
| 9 | Dr. Balaram Mishra | Social Scientist of the project for SIA study | 9337249007 | (signed) |
| 10 | | | | |
| 11 | | | | |
| 12 | | | | |
| 13 | | | | |
| 14 | | | | |